ଶନିବାର, ୧୯ ଏପ୍ରିଲ, ୨୦୨୫

# ପିଲାଙ୍କ ଧରିତ୍ରୀ



# ଖିଲି ଖିଲି ହସ

ସୁନୀଲ ଘରକୁ ଗେଷ୍ଟ ଆସିଥିଲେ। ସୁନୀଲ ଗେଷ୍ଟଙ୍କୁ କହିଲା– ଆଉ ରସଗୋଲା ନିଅନ୍ତୁ।
ଗେଷ୍ଟ: ନା, ମୁଁ ଆଗରୁ ୩/୪ଟି ଖାଇ ସାରିଲିଣି ଆଉ ଖାଇବିନି।
ସୁନୀଲ: ଆପଣ ତ ୯ଟା ରସଗୋଲା ଖାଇ ସାରିଲେଣି।

ରାଜୁ ଥରେ ଜଙ୍ଗଲରେ ଯାଉଥିଲା ବେଳେ ତା' ପାଦକୁ ସାପ କାମୁଡିଦେଲା। ଏହା ଦେଖି ରାଜୁ ଜୋର୍‌ରେ ରାଗିଯାଇ ତା' ଗୋଡ଼କୁ ଦେଖାଇ କହିଲା– ନେ, ଏହା ମୋ ଗୋଡ଼। ଆହୁରି ଯେତେ କାମୁଡୁଛୁ ସେତେ କାମୁଡ଼େ।
ସାପ ୩/୪ଥର କାମୁଡ଼ିବା ପରେ କହିଲା– ଏ ମଣିଷ ନା ଭୂତ ?
ରାଜୁ: ମୁଁ ତ ମଣିଷ, ହେଲେ ଏ ଗୋଡ଼ ମୋର ନକଲି !

ବିନା ଟିକେଟ୍‌ରେ ଜଣେ ବ୍ୟକ୍ତି ଟ୍ରେନ୍‌ରେ ଯାତ୍ରା କରୁଥିଲେ।
ଟିଟିଆଇ ବ୍ୟକ୍ତିକୁ: ତୁମ ଟିକେଟ୍ ଦେଖାଅ।
ବ୍ୟକ୍ତି : ଟିକେଟ୍ ନାହିଁ।
ଟିଟିଆଇ: କେଉଁଠିକି ଯିବ ?
ବ୍ୟକ୍ତି: କଲିକତା।
ଟିଟିଆଇ: ଚାଲ ମୁଁ ତୁମକୁ ନେଇଯିବି।
ବ୍ୟକ୍ତି: କେଉଁଠିକି ?
ଟିଟିଆଇ: ଦିଲ୍ଲୀ।

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by Adyasha Satpathy on behalf of Navajat Printers & Media Pvt.Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ–ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com

# ଅଂଶୁଘାତ



**ଗପ**

କୁନା ମୁନା ଦୁଇ ସାଙ୍ଗ। ଦୁହେଁ ଗୋଟିଏ ଶ୍ରେଣୀରେ ପଢ଼ନ୍ତି। କୁନାର ବାପା ଜଣେ କୃଷକ। କୃଷକ ଘରର ପିଲା ହେଲେ ମଧ୍ୟ କୁନା ଭଲ ପାଠ ପଢ଼େ। ସେ ସବୁବେଳେ ଶ୍ରେଣୀରେ ପ୍ରଥମ ହୁଏ। ସେଥି ପାଇଁ ସମସ୍ତେ ତାକୁ ଭାରି ଆଦର କରନ୍ତି। ମୁନାର ବାପା ଜଣେ ଶିକ୍ଷକ। ସେ କିନ୍ତୁ ପାଠ ପ୍ରତି ଆଦୌ ଧ୍ୟାନ ଦିଏ ନାହିଁ। ସବୁବେଳେ ଶିକ୍ଷକଙ୍କଠାରୁ ମାଡ଼ ଗାଳି ଖାଏ। ତା ବାପା ମା' ଭାରି ମନ ଦୁଃଖ କରନ୍ତି। ନିଜେ ଜଣେ ଶିକ୍ଷକ ହୋଇଥିଲେ ବି ତାଙ୍କ ପିଲା ଯେ ଭଲ ପାଠ ପଢୁ ନାହିଁ ଏକଥା ଭାବିଲେ ତାଙ୍କୁ ବହୁତ ବାଧେ। ଦିନେ ତା' ବାପା ତାକୁ ପାଖକୁ ଡାକି ସବୁ କଥା କହିଲେ। ତାକୁ ବହୁତ ବୁଝାଇଲେ, ଭଲ ପାଠ ନ ପଢିଲେ କିପରି ଜୀବନ ନଷ୍ଟ ହୋଇଯାଏ କହିଲେ। ଅପାଠୁଆ ମଣିଷ ସମାଜରେ ଅବହେଳିତ ହୁଏ। କେହି ତାକୁ ସମ୍ମାନ ଦିଅନ୍ତି ନାହିଁ। ସମସ୍ତେ ତାକୁ ଠକି ଦିଅନ୍ତି। ନିଜର ମୌଳିକ ଚାହିଦା ପୂରଣ ପାଇଁ ତାକୁ ବହୁ ପରିଶ୍ରମ କରିବାକୁ ପଡିବ। ଏମିତି ବିଭିନ୍ନ କଥା କହି ବୁଝାଇଲେ ବି ମୁନା ଉପରେ କୌଣସି ପ୍ରଭାବ ପଡିଲା ନାହିଁ।

ପରୀକ୍ଷା ସମୟ ଆସିଗଲା। କୁନା, ମୁନା ପରୀକ୍ଷା ପାଇଁ ପ୍ରସ୍ତୁତ ହେଲେ। ପରୀକ୍ଷା ସରିଯିବା ପରେ ମୁନା ମାମୁଘରକୁ ଗଲା। ଅଜା ଆଈ ପାଖରେ ରହି ବହୁତ ମଜା ମସ୍ତି କଲା। ମାମୁଘର ଗାଁର ପିଲାମାନଙ୍କ ସହିତ ବୁଲିଲା। ଖରାଦିନ ଖରାକୁ ଖାତିର ନ କରି ଦୁଷ୍ଟ ପିଲାମାନଙ୍କ ସହିତ ଏଣେ ତେଣେ ବୁଲିଲା। ଦିନେ ହଠାତ୍ ତାକୁ ପ୍ରବଳ ଜ୍ୱର ହେଲା। ଦେହ ଖଇଫୁଟି ଯାଉଥାଏ। ତା' ମାମୁ ତାକୁ ନିକଟସ୍ଥ ଡାକ୍ତରଖାନାକୁ ନେଇ ଗଲେ। ଡାକ୍ତର ପରୀକ୍ଷା କରି କହିଲେ, ଏହା ଅଂଶୁଘାତର ଲକ୍ଷଣ। ସଙ୍ଗେ ସଙ୍ଗେ ତା'ର ଅଂଶୁଘାତ ଚିକିତ୍ସା କରାଗଲା। ଗୋଟିଏ ଦିନ ଚିକିତ୍ସା କରିବା ପରେ ସେ ସୁସ୍ଥ ହେଲା। ତା' ବାପା ମାଆ ଆସି ତାକୁ ସାଙ୍ଗରେ ନେଇ ଘରକୁ ଗଲେ।

ଗାଁକୁ ଆସିଲା ପରେ କୁନା ସହିତ ଭେଟ ହେଲା। କୁନା ସବୁକଥା ଜାଣି ତାକୁ କହିଲା, ତୁ କ'ଣ ଜାଣି ନାହୁଁ, ଖରାରେ ବୁଲିଲେ ଅଂଶୁଘାତ ହୁଏ ? ଆମ ସାର୍ ପରା କହିଥିଲେ, ଖରା ସମୟରେ ବାହାରକୁ ବାହାରିବା ନାହିଁ। ଯାହାର ଜରୁରୀ କାମ ଥିବ, ସେ ସାଙ୍ଗରେ ପାଣିବୋତଲ, ଛତା, ଜୋତା, ଓଦା ଗାମୁଛା ଇତ୍ୟାଦି ନେଇ ବାହାରକୁ ଯିବ। ଦିନ ୧୧ ଟାରୁ ୩ଟା ପର୍ଯ୍ୟନ୍ତ ନିହାତି ଭାବରେ ବାହାରକୁ ଯିବା ମନା। ଶ୍ରମିକମାନେ ମଧ୍ୟ ଏ ସମୟରେ କାମ କରନ୍ତି ନାହିଁ। ଯିଏ ଏହାକୁ ପାଳନ କରେ ନାହିଁ ସେ ଅଂଶୁଘାତର ଶିକାର ହୁଏ। ସେହି ଦିନଠାରୁ ମୁନା ଆଉ ଖରା ବେଳେ ବାହାରକୁ ବାହାରିଲା ନାହିଁ। କେବଳ ସକାଳୁ ଓ ସଞ୍ଜ ବେଳା କୁନା ସହିତ ଭେଟ ହୁଏ।

**–ସତ୍ୟନାରାୟଣ ଦେହୁରୀ**
ରାଧାନଗର, ବୌଦ୍ଧ
ମୋ: ୯୯୩୮୭୫୮୩୫୩

# ସବୁଠୁ ଅଧିକ

ବିଧିତାର ଦେଶ ହେଉଛି ଆମ ଭାରତ। ସାରା ପୃଥିବୀରେ ଏହାର ପରିଚୟ ସ୍ୱତନ୍ତ୍ର। ତେବେ ଅନେକ କ୍ଷେତ୍ରରେ ଏହା ଅନ୍ୟ ତୁଳନାରେ ସ୍ୱତନ୍ତ୍ରତା ପ୍ରଦର୍ଶନ କରିଛି। ଏମିତି ଏକ କ୍ଷେତ୍ର ହେଉଛି ବଲିଉଡ୍। ମନୋରଞ୍ଜନ ପାଇଁ ବଲିଉଡ୍ ବିଭିନ୍ନ ପ୍ରକାରର ସିନେମା ତିଆରି କରିଥାଏ। ତେବେ ଭିନ୍ନ କଥା ହେଉଛି ଅନ୍ୟ ସମସ୍ତ ଦେଶ ତୁଳନାରେ ସର୍ବାଧିକ ସିନେମା ତିଆରି ହୁଏ ବଲିଉଡ୍‌ରେ। ପ୍ରତିବର୍ଷ ଏଠି ୧୧୦୦ରୁ ୧୫୦୦ଟି ଫିଲ୍ମ ତିଆରି ହୋଇଥାଏ। ଆମ ଦେଶ କିମ୍ବା ଅନ୍ୟ ଦେଶର କୌଣସି ସିନେମା ଇଣ୍ଡଷ୍ଟ୍ରିରେ ମଧ ଏତେ ସଂଖ୍ୟାରେ ସିନେମା ତିଆରି ହୋଇ ନ ଥାଏ। ଏହି ଆକଳନକୁ ବିଚାର କଲେ ଏହାର ପ୍ରାୟ ଅଧା ସିନେମା ତିଆରି ହୁଏ ହଲିଉଡ୍‌ରେ। ମନୋରଞ୍ଜନ ଦୁନିଆରେ ବଲିଉଡ୍ ଫିଲ୍ମର ଏକ ଭିନ୍ନ ଚାହିଦା ରହିଛି। ସେଥିପାଇଁ ରିଲିଜ୍ ହେବାକୁ ଥିବା ଫିଲ୍ମ ପାଇଁ ଦର୍ଶକଙ୍କର ପ୍ରବଳ ଉତ୍ସାହ ରହିଥାଏ। ଆଉ ସେଥିପାଇଁ ତ ଅନ୍ୟ ସିନେମା ଇଣ୍ଡଷ୍ଟ୍ରି ତୁଳନାରେ ବଲିଉଡ୍ ସିନେମା ଟିକେଟ୍ ସବୁଠୁ ଅଧିକ ବିକ୍ରି ହୋଇଥାଏ।




# ମତାମତ

▸▸ ଖରାଦିନେ ପିଲାଙ୍କ ଖାଦ୍ୟ ପାଠଟି ପିଲାଙ୍କ ଲାଗି ନିହାତି ଉପାଦେୟ।

**–ତୁଷାର ନାୟକ, ଖୋର୍ଦ୍ଧା**


▸▸ ତୁମ ତୂଳୀରେ ପ୍ରକାଶିତ ହୋଇଥିବା ଚିତ୍ରଗୁଡିକ ବହୁତ ସୁନ୍ଦର ହୋଇଥିଲା।

**–ରୋଜାଲିନ୍ ସ୍ୱାଇଁ, ମହାନଦୀ ବିହାର, କଟକ**

▸▸ 'କହିଲ ଦେଖି' ସ୍ତମ୍ଭରେ ପ୍ରକାଶିତ ପହେଳିଗୁଡିକ ପଢ଼ିବାକୁ ବହୁତ ମଜା ଲାଗେ।

**–ବିକାଶ ରାଉତ, ରାଜକନିକା କେନ୍ଦ୍ରାପଡ଼ା**

## ରଙ୍ଗ ଦିଅ









**ସରିଛି ପରୀକ୍ଷା। ଆରମ୍ଭ ହୋଇଛି ନୂଆ କ୍ଲାସର ପାଠ ପଢ଼ା। ନୂଆ ବହି, ଖାତା ସାଙ୍ଗକୁ ପାଠ୍ୟକ୍ରମ ବି ନୂଆ। ପିଲାମାନଙ୍କର ଏହି ନୂଆ ଉତ୍ସାହକୁ ନେଇ ଉପସ୍ଥାପନା...**

# ସବୁ ନୂଆ ନୂଆ

ପରୀକ୍ଷା ରେଜଲ୍ଟ ବାହାରିବା ପରେ ନୂଆ କ୍ଲାସ ପାଇଁ ପାଠପଢ଼ା ଆରମ୍ଭ ହୋଇଛି। ଅବଶ୍ୟ ଏବେ ବିଧିବଦ୍ଧ ସମସ୍ତ କ୍ଲାସ ହେଉନି। କାହିଁକିନା ସକାଳୁଆ ସ୍କୁଲ ପାଇଁ କମ୍ ସମୟ ପାଠପଢ଼ା ହେଉଛି। ତେଣୁ ସବୁ ବିଷୟରେ ପାଠପଢ଼ା ଆରମ୍ଭ ହୋଇପାରିନି। ଶ୍ରେଣୀରେ ଶିକ୍ଷକମାନେ ଯାହା ପାଠ ପଢ଼ାଉଛନ୍ତି ପିଲାମାନେ ସେହି ଅନୁସାରେ ଘରେ ପଢୁଛନ୍ତି। ତେବେ ନୂଆ କ୍ଲାସର ବହି ଓ ନୂଆ ଖାତା କିଣାକୁ ନେଇ ସବୁବେଳେ ପିଲାଙ୍କ ମନରେ ଥାଏ ଭିନ୍ନ ଏକ ଉତ୍ସାହ। ଏହି ସମୟରେ କାହା ପାଇଁ କଣ ଅନୁଭୂତି ସେସମ୍ପର୍କରେ କେତେକ ପିଲା ଯାହା କୁହନ୍ତି...

## ଥାକରେ ସଜାଡି ରଖିଛି

ପରୀକ୍ଷା ସରିବା ଆଗରୁ ମୋର ନୂଆ କ୍ଲାସର ବହି ଆସି ସାରିଥିଲା। ବାବାଙ୍କର ଜଣେ ସାଙ୍ଗଙ୍କ ପୁଅ ମତେ ତା ପୁରୁଣା ବହି ସବୁ ଦେଇଛି। ତାପରେ ନୂଆ ବହି କିଣା ହୋଇଛି। ଖାତା ସବୁ କିଣା ସରିଲାଣି। ପାଠପଢ଼ା ବି ଆରମ୍ଭ ହେଇଗଲାଣି। ବହି ଖାତା ସବୁଥିରେ ମୁଁ ନିଜେ କଭର ଲଗାଇ ସାରିଛି। ସ୍କୁଲରେ କହିବା ଅନୁସାରେ ଅଲଗା କଲର୍‌ର ଜରି ବର୍ଡର ବି ଲଗାଇ ସାରିଛି। ମ୍ୟାଥ୍ ଆଉ ଇଂଲିଶ୍ ଖାତାରେ ହୋମୱର୍କ ବି ଆରମ୍ଭ କରି ସାରିଛି।



ଥାକରୁ ସବୁ ପୁରୁଣା ବହି ବାହାର କରି ଏବେ ନୂଆ ବହି ଖାତା ସଜାଡି ରଖି ଦେଇଛି। ଆମର ସବୁ ବିଷୟରେ ପ୍ରାୟ ପାଠପଢ଼ା ବି ଆରମ୍ଭ ହୋଇ ସାରିଲାଣି। ଦଶମ ଶ୍ରେଣୀ ହୋଇଥିବାରୁ ଘରେ ବି ସମସ୍ତେ ମୋ ପାଠପଢ଼ାକୁ ନେଇ ବ୍ୟସ୍ତ । ସମୟ ନଷ୍ଟ ନ କରି ଅଧିକ ସମୟ ପଢିବା ପାଇଁ କହୁଛନ୍ତି। ତେଣୁ ଖରାବେଳେ ଘରେ ଥିଲେ ବି ମୋର ପାଠପଢ଼ା ହେଉଛି। ତା ଛଡା ଟିୟୁସନରେ ବି ସବୁ ବିଷୟ ଆଗୁଆ ପଢା ହେଲାଣି।

– **ଆଶାଲଗ୍ନା ମହାନ୍ତି,** କ୍ଲାସ- ୧୦, ସାଇ ଅନନ୍ତ ଇଣ୍ଟର ନ୍ୟାସନାଲ୍ ସ୍କୁଲ, ଧାମରା, ଭଦ୍ରକ

## ଘର ପାଖ ଦୋକାନରୁ କିଣି ଆଣିଛି

ନୂଆ ବହି କିଣା ହୋଇଛି, ହେଲେ ସବୁ ବହି ଆସିନି। ଆଉ କେତେଟା ବହି ଆମ ଘର ପାଖ ଦୋକାନରେ ମିଳୁ ନାହିଁ। ବାବା ପଛରେ କିଣିବେ ବୋଲି କହିଛନ୍ତି। ଏବେ ସାର୍ ଯାହା ପଢାଉଛନ୍ତି ସେହି ଅନୁସାରେ ନୋଟ୍ ଲେଖି ପଢି ଦେଉଛି। ହେଲେ ନୂଆ ଖାତା ଯାହା ଦରକାର ହେଉଛି ମୁଁ ନିଜେ କିଣି ଆଣୁଛି। ଘର ପାଖ ଦୋକାନରୁ ମୋର ଯାହା ଖାତା ଦରକାର ମାମାଙ୍କୁ ସାଙ୍ଗରେ ନେଇ ମୁଁ ନିଜେ କିଣି ଆଣିଛି। ଆଉ ଖାତା ଆଣିବା ପରେ ସେଥିରେ ମୁଁ ନିଜେ ସବୁ କଭର ଲଗାଇଛି।



ନୂଆ ଖାତାରେ ହୋମୱର୍କ ବି ଆରମ୍ଭ କରିଛି। ଏବେ ସାର୍ କ୍ଲାସରେ ଯାହା ପଢାଉଛନ୍ତି ସେହି ଅନୁସାରେ ଖାତାରେ ନୋଟ୍ ଲେଖିବା ଆରମ୍ଭ କରିଛି।

– **ଅନିଶ ପଟ୍ଟନାୟକ,** କ୍ଲାସ- ୬, ସେଣ୍ଟ ଜାଭିୟର୍ସ ହାଇସ୍କୁଲ, ପୋଲସରା, ଗଞ୍ଜାମ

## ସବୁ କିଣା ହେଇଛି

ନୂଆ କ୍ଲାସ ପାଇଁ ମୋର ସବୁ ନୂଆ କିଣା ହୋଇଛି। ବହି ଖାତା ସ୍କୁଲ ବ୍ୟାଗ୍, ୟୁନିଫର୍ମ ସବୁ କିଣା ହେଇଛି। ଆଉ ହଲେ ସ୍କୁଲ ଡ୍ରେସ ଓ ଜୋତା ବି କିଣା ହବ, ହେଲେ ବାବା କହିଛନ୍ତି ସେସବୁ ସମର ଭ୍ୟାକେସନ୍ ପରେ କିଣାଯିବ। ମୋର ଯାହା ସବୁ ପୁରୁଣା ବହି ଥିଲା ସେସବୁକୁ ଆମ ପାଖ ଘରେ ଜଣେ ପିଲାକୁ ଦେଇ ଦେଇଛି। ନୂଆ ଖାତା ବହିକୁ ଥାକରେ ସଜାଡି ରଖିଛି। ନୂଆ ବହିରେ ସବୁ ବିଷୟବସ୍ତୁ କଣ ରହିଛି ଦେଖିବାକୁ ବହୁତ ଭଲ ଲାଗୁଛି। ସବୁ ବିଷୟ ବୁଝି ନ ପାରିଲେ ବି ବହି ଖୋଲି ଦେଖିବା ପାଇଁ ଇଚ୍ଛା ହେଉଛି। କଣ ବିଷୟ ସବୁ ରହିଛି ଦେଖି ସାରିଛି। ଏବେ ଠୁ ଯାହା ପଢା ହେଉଛି ସେସବୁ ଘରେ ପୁଣି ଥରେ ପଢି ହୋମୱର୍କ ଶୀଘ୍ର ସାରିଦେଇ ଖେଳୁଛି।



– **ଏସ୍. ସାଇକ୍ରୀଷ୍ଟା,** କ୍ଲାସ- ୮, କେନ୍ଦ୍ରୀୟ ବିଦ୍ୟାଳୟ-୨, ସିଆରପିଏଫ୍ କ୍ୟାମ୍ପସ୍, ଭୁବନେଶ୍ୱର

## ଦିଦି ସାହାଯ୍ୟ କରୁଛି

ସପ୍ତମ ଶ୍ରେଣୀ ପାଇଁ ମୋ ଭାଇ ଗାଁରୁ ତାର ସବୁ ବହି ପଠାଇଛି। ବହିରେ କେଉଁ ବିଷୟ ସବୁ ଅଛି ଏବେ ଖାଲି ଦେଖୁଛି। ସ୍କୁଲରେ ସବୁ ବିଷୟରେ ପାଠପଢ଼ା ଆରମ୍ଭ ହେଇନି, ହେଲେ ଟିୟୁସନରେ କିଛି ପାଠ ଆରମ୍ଭ ହେଇଛି। ତେବେ ଟିୟୁସନ ଓ ସ୍କୁଲ ପାଇଁ ପ୍ରାୟ ସବୁ ଖାତା କିଣା ହେଇ ସାରିଛି। ତେଣୁ ସବୁ ଖାତାରେ ରଙ୍ଗୀନ କଭର ଲଗାଇ ନାଁ ଲେଖା କାମ କରୁଛି। ମତେ ଭଲଭାବରେ କଭର ଲଗେଇ ଆସୁନି ବୋଲି ଦିଦି ମତେ ସାହାଯ୍ୟ କରୁଛି। ଆଉ ତାର ଅକ୍ଷର ଭଲ ବୋଲି ସେ ସବୁ ଖାତାରେ ନାଁ ବି ଲେଖି ଦଉଛି।



– **ଆୟୁଷ୍ମାନ ମହାନ୍ତି,** କ୍ଲାସ- ୭, ଷ୍ଟୁଆର୍ଟ ସ୍କୁଲ, ୟୁନିଟ-୮, ଭୁବନେଶ୍ୱର

## ପାଠ ଆରମ୍ଭ ହେଇଛି

ମତେ ସ୍କୁଲରୁ ସବୁ ନୂଆ ବହି ମିଳି ସାରିଛି। ଆଉ ନୂଆ ଖାତା ବି କିଣା ସରିଛି। ସବୁ ଖାତାରେ ମାମା କଭର ଲଗାଉଛି। ତେବେ ଆମ ସ୍କୁଲରେ ଯେମିତି କୁହାଯାଇଛି ସେମିତି ସବୁ ଅଲଗା ରଙ୍ଗର କଭର ଲଗାହେଇଛି। ନୂଆ ବହିରେ କଣ ସବୁ ଅଛି ଖୋଲି କି ଦେଖିବାକୁ ମତେ ଭଲ ଲାଗୁଛି। ସେଥିପାଇଁ ବାରମ୍ବାର ବହି ସବୁ ଖୋଲି ଦେଖୁଛି ବୋଲି ଦିଦି ରାଗୁଛି। ସ୍କୁଲରେ ପାଠପଢ଼ା ବି ଆରମ୍ଭ ହେଲାଣି। ସବୁଦିନ ସ୍କୁଲ ହଉନି ଆଉ ହୋମୱର୍କ ବି ସବୁବେଳେ ଦିଆଯାଉନି। ତେଣୁ ଶୀଘ୍ର ପାଠପଢ଼ା ସରିଯାଉଛି। ଘରେ ଖେଳିବା ପାଇଁ ବେଶୀ ସମୟ ମିଳୁଛି। ଖରାବେଳେ ଦିଦି ସାଙ୍ଗେ ଘରେ କ୍ୟାରମ୍ ନହେଲେ ଚେସ୍ ଖେଳୁଛି, ତାପରେ ୪ଟାବେଳେ ବାହାରେ ଖେଳୁଛି।




– **ସାଇ ଶୁଭମ୍ ପୁରୀ,** କ୍ଲାସ- ୫, ଡ୍ରିମ୍ ଇଣ୍ଡିଆ ସ୍କୁଲ, ନେତାଜୀ ନଗର, ମଧୁପାଟଣା, କଟକ






୧



୨


୩


୪


୫


୬


୭


୮


**ଶିବାଂଶୀ ଦାଶ**
କ୍ଲାସ– ୨, ସେଣ୍ଟ ଯୋଶେଫ ଗାର୍ଲସ ହାଇସ୍କୁଲ, କଟକ
୧

**ଅଭିସୁମତ୍ ସାମଲ**
କ୍ଲାସ– ୫, ପ୍ରଭୁଜୀ ଇଂଲିଶ ମିଡିୟମ୍ ସ୍କୁଲ, ଭିଏସ୍ଏସ୍ ନଗର, ଭୁବନେଶ୍ୱର

୨


**ପ୍ରତୀକ୍ଷା ରାୟ**
କ୍ଲାସ– ୯, ଲକ୍ଷେଶ୍ୱର ଉଚ୍ଚ ବିଦ୍ୟାଳୟ, ନଖରା, କଟକ
୩

**ତ୍ରୀଶା ମିଶ୍ର**
କ୍ଲାସ– ୫, ଡିଏଭି ପବ୍ଲିକ ସ୍କୁଲ, ରାଜାବଗିଚା, କଟକ

୪


**ଜିଗ୍ନେଶ କୁମାର ମହାନ୍ତି**
କ୍ଲାସ– ୨, ଡିଏଭି ପବ୍ଲିକ ସ୍କୁଲ, କଳିଙ୍ଗନଗର, ଭୁବନେଶ୍ୱର
୫

**ମଧୁମିତା ମିଶ୍ର**
କ୍ଲାସ–୬, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ରାଜଗଡ, କେନ୍ଦ୍ରାପଡା

୬


**ଆୟୁଷ ମିଶ୍ର**
କ୍ଲାସ– ୯, ବିଜେଇଏମ୍ ସ୍କୁଲ, ବିଜେବି ନଗର, ଭୁବନେଶ୍ୱର
୭

**ପ୍ରିୟାଂଶୀ ନାୟକ**
କ୍ଲାସ– ୫, ବାଡିଲ ନୋଡାଲ ବିଦ୍ୟାଳୟ, ରାଜସ, ଖୋର୍ଦ୍ଧା

୮

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ




# ସର୍ବକନିଷ୍ଠ ଟାଏକୋଣ୍ଡୋ ଇନଷ୍ଟ୍ରକ୍ଟର

ଯେଉଁ ବୟସରେ ପିଲାମାନେ ଟାଏକୋଣ୍ଡୋ ଶିଖନ୍ତି ସେହି ବୟସରେ ସେ ଅନ୍ୟମାନଙ୍କୁ ଶିଖାଉଛନ୍ତି। ଏତେ କମ୍ ବୟସରେ ତାଙ୍କର ଏଭଳି ଦକ୍ଷତା ଏବେ ଚକିତ କରିଦେଇଛି। ଖାଲି ସେତିକି ନୁହେଁ ସର୍ବକନିଷ୍ଠ ଟାଏକୋଣ୍ଡୋ ଇନଷ୍ଟ୍ରକଟରଭାବେ ଏବେ ଗିନିଜ୍ ରେକର୍ଡରେ ମଧ୍ୟ ସ୍ଥାନ ପାଇଛନ୍ତି। ଏହି ବିରଳ ପ୍ରତିଭାର ଅଧିକାରୀ ହେଉଛନ୍ତି ସମ୍ୟୁଖା ନାରାୟଣନ୍। ତାମିଲନାଡୁର ମଦୁରାଇରେ ତାଙ୍କ ଘର। ଏବେ ତାଙ୍କୁ ବୟସ ମାତ୍ର ୭ ବର୍ଷ। ପଢ଼ିବା ଶିଖିବା ବୟସରେ ସେ ଏବେ ଟାଏକୋଣ୍ଡୋ ତାଲିମ ଦେଇ ପାରୁଛନ୍ତି। ତାଙ୍କର ଏଭଳି ଏକ ଭିନ୍ନ ଦକ୍ଷତା ଏବେ ଅନ୍ୟ ପିଲାଙ୍କ ପାଇଁ ପ୍ରେରଣା ହୋଇପାରିଛି। ପରିଶ୍ରମ ଓ ନିଷ୍ଠା ରହିଲେ ଯେକୌଣସି ବ୍ୟକ୍ତି ଏଭଳି ବିରଳ ରେକର୍ଡର ଅଧିକାରୀ ହୋଇପାରିବେ।



## କବିତା

### ବହିବ ଋତୁର ଧାରା

ଜଙ୍ଗଲ ଦିଶୁଛି ହତଶିରୀ ଏବେ
ନାହିଁ ତା'ର ଶୋଭାରାଜି
କୁଆଡ଼େ ଗଲେଣି ଜୀବଜନ୍ତୁ ଗୁଡ଼ା
ବୁଝି ହୁଏନାହିଁ ଆଜି।
କିଚିରି ମିଚିରି ଶୁଭୁନାହିଁ ଆଉ
କୋଇଲି ଗାଉନି ଗୀତ
ବସନ୍ତ ଆସୁନି ଆଗଭଳି ଜାଣ
ଦେହକୁ ଲାଗୁନି ଶୀତ।
ବଢ଼ି ବଢ଼ି ଯାଏ ଗରମ ସବୁଠି
ଅସୁଖ ଲାଗୁଛି ଖରା
ଗିରିଷମ କାଳ ବଡ଼ ଦହଗଞ୍ଜ
ତାତିଯାଏ ଏଇ ଧରା।
କେଜାଣି କେବେ ଏ ମଣିଷ ବୁଝିବ
ପୋତିବ ଆଣିକି ଚାରା
ପୃଥିବୀ ହସିବ ଆଗଭଳି, ଆଉ
ବହିବ ଋତୁର ଧାରା।

**– ଶିଶିର କୁମାର ପଣ୍ଡା**
କୁଆଁସ, ମେରଦା କାଟିଆ, ଯାଜପୁର
ମୋ: ୮୯୮୧୭୩୭୨୨୮

### ତାତି ବଢ଼ୁଛି


ଚାରିଆଡ଼େ ଖରା ସହି ହେଉନାହିଁ
ଗିରୀଷମ ତାତି ବଢ଼ୁଛି
ଖାଲି ପାଦେ ଚାଲି ଭିକାରୁଣୀ ବୁଢ଼ୀ
ବୋଉ ଲୋ ବାପ ଲୋ ରଡ଼ୁଛି।
ଆମ ସାହି ପିଲା ନଟିଆ ସକାଳୁ
ଗଡ଼ିଆ ପାଣିରେ ବୁଡ଼ୁଛି
ନାଳ ନରଦମା କାଦୁଅ ପଙ୍କରେ
କୁକୁର ନିଃଶ୍ୱାସ ଛାଡ଼ୁଛି।
ମଈଁଷିପଲଙ୍କ ନସର ପସର
ଦେଖିଲେ ଦରଦ ଲାଗୁଛି
ଜୀବଙ୍କ ଉହଳ ବିକଳ ପାଇଁକି
ମନରେ ଚେତନା ଜାଗୁଛି।
କୋଠାଘର ପାଇଁ ଗଛ କାଟ କିଆଁ ?
ଜେଜେଙ୍କୁ ନାତିଆ ଗାଗୁଛି
ସବୁଜ ଧରଣୀ ସରଜନା ହେତୁ
ସବୁରି ଏକତା ମାଗୁଛି।

**– ପ୍ରଫୁଲ୍ଲ ଚନ୍ଦ୍ର ବାରିକ**
ବେଦବ୍ୟାସ, ରାଉରକେଲା
ମୋ: ୯୦୯୦୩୩୦୮୫୯

### କଲମ କାଳି

ବଲ୍ଟୁ, କୁନି ଦୁହେଁ ଭାଇ ଭଉଣୀ
କଲମ ଦୁଇଟି ଆଣିଲେ କିଣି,
କଲମ କିଣିଲେ ଏକା ପରିକା
ମୂଲଥିଲା ତା'ର ସମାନ ଟଙ୍କା।
ଗୋଟିଏ କଲମ କୁନି ବାଛିଲା
ଆଉ କଲମଟି ବଲ୍ଟୁ ରଖିଲା ,
କଲମ ଚାଲିବା ଅଲଗା ଦେଖି
କୁନିଝିଅ ମୁହଁ ଗଲାରେ ଶୁଖି।
ଧାଇଁଲା ବଲ୍ଟୁ ମାଆ ପାଖକୁ
ମାଆ ବୁଝାଇଲେ ଡାକି ଦୁହିଁଙ୍କୁ,
ରଙ୍ଗସାଥେ କାଳି ମିଶିକି ଥିଲା
କଲମ ମୁନରେ ଫୁଟି ଦିଶିଲା।
ଯିଏ ଯାହା ସଙ୍ଗେ ଯାଇ ମିଶିବ
ମନ ରୂପ ଗୁଣ ସେମିତି ହେବ,
କଲମ କାଳିରୁ ଏତିକି ଶିଖ
ମିଶିବା ଆଗରୁ ପରଖି ଦେଖ।

**– ସଞ୍ଜୁ ଦାସ**
ଶୂନ୍ୟନୀଡ଼, ସୋର, ବାଲେଶ୍ୱର
ମୋ:୯୧୨୪୨୧୧୧୦୫



## ଏଥରର ?


- ଗୁଜରାଟର ଗୀର୍ ଜାତୀୟ ପାର୍କ କାହିଁକି ପ୍ରସିଦ୍ଧ ?
- ଭାରତର ଉଚ୍ଚତମ ଡ୍ୟାମ୍‌ର ନାମ ?
- ଆମେରିକାର ଜାତୀୟ ପତାକାରେ ଥିବା ତାରାଗୁଡ଼ିକର ରଙ୍ଗ କିପରି ?
- କୋଲକାତାର କାଳିଘାଟ ପେଣ୍ଟିଂ ପ୍ରଥମେ କେଉଁ ମସିହାରେ ଲୋକପ୍ରିୟତା ହାସଲ କରିଥିଲା ?
- 'ବାବା ବୁଦାନ ହିଲ୍ସ' ଲୁହା ଖଣି କେଉଁ ରାଜ୍ୟରେ ଅବସ୍ଥିତ ?

## ଗତଥରର ଉତ୍ତର

- ସୁନା
- ଜି. ୱିଟେଟ୍
- ଅଷ୍ଟ୍ରେଲିଆ
- ମୋଷ୍ଟ ଭ୍ୟାଲୁଏବୁଲ ପ୍ଲେୟାର
- ଆଲାସ୍କା

## କହିଲ ଦେଖି

ବରଗଡ଼ ବରପାଲିରେ ଘର
ପ୍ରକୃତି କବି ଉପାଧି ତାଙ୍କର
କୀଚକ ବଧ, ପ୍ରଣୟ ବଲ୍ଲରୀ
କବି ଲେଖନୀର ଶବ୍ଦ ଚାତୁରି
କବିଙ୍କର ନାମ ଦିଅ ବତାଇ
ନୃସିଂହନାଥ ନେବି ବୁଲାଇ !



**ଉତ୍ତର – ପ୍ରକୃତି କବି ଗଙ୍ଗାଧର ମେହେର**

ବୈଦେହୀଶ ବିଳାସ ଲାବଣ୍ୟବତୀ
ଲେଖି ଲଭିଛନ୍ତି ଅପାର କୀର୍ତ୍ତି
କବି ମଧ୍ୟେ ଶ୍ରେଷ୍ଠ ସେହି,
କବି ସମ୍ରାଟ ଉପାଧି ଲଭିଲେ
ନାମ ଗୋଟି ଦିଅ କହି !



**ଉତ୍ତର– କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ**

ରସ କଲ୍ଲୋଳ ରସବିନୋଦ
ଲେଖନୀରୁ ପଡେ ଝରି
କାଳିଆ ସାଆନ୍ତ ପରମ ଭକତ
କିଏ ହେବ ତାଙ୍କ ସରି,
ପ୍ରସ୍ତାବ ସିନ୍ଧୁ ଭୂତକେଳି ନାବକେଳି
ଉପହାର ଯେହୁ ଦିଏ
ଉପେନ୍ଦ୍ର ଭଞ୍ଜ ମଥା ନୁଆଁଇଲେ
ଭକ୍ତ କବି ପରା ସିଏ,
ନାମ ଗୋଟି କୁନା ଦିଅ ତ କହି
ଶରଣ ଶ୍ରୀକ୍ଷେତ୍ର ନେବି ବୁଲାଇ !



**ଉତ୍ତର – ଭକ୍ତ କବି ଦୀନକୃଷ୍ଣ ଦାସ**

**– ବୈକୁଣ୍ଠ ବିହାରୀ ସ୍ୱାଇଁ**
ଶରଣ ଶ୍ରୀକ୍ଷେତ୍ର,ଏକଘରିଆ, ଢେଙ୍କାନାଳ
ମୋ: ୯୯୩୭୨୩୯୮୨୮

## କର ତାଙ୍କ ପରି କାମ

ସୁଆଣ୍ଡୋ ମାଟିରେ ଜନମ ହୋଇଲେ
ନାମ ତାଙ୍କ ଗୋପବନ୍ଧୁ,
ଏ ମାଟିର ଟେକ ରଖିଗଲେ ଢାଳି
କେତେ ଲହୁ ଲୁହ ବିନ୍ଦୁ।
ନିଜ ସନ୍ତାନକୁ ତେଜି ଧାଉଁଥିଲେ
କୋଟିଏ ସନ୍ତାନ ପାଇଁ,
ଆନ ଦୁଃଖରେ ସେ ସାହା ହେଉଥିଲେ
ନାନା ଝଡ଼ ଝଞ୍ଜା ସହି।
ନଈରେ ଆସିଲେ ଭୟଙ୍କର ବନ୍ୟା
ସାହା ହେଉଥିଲେ ନିତି
ଚୁଡା,ଚାଉଳ ସେ ଧରି ଯାଉଥିଲେ
ଭୋକ ଭୁଲି ଦିନରାତି।
ଖଣ୍ଡିଏ ଗାମୁଛା ଖଣ୍ଡିଏ ଧୋତିରେ
ଚଳିଯାଉଥିଲେ ଯିଏ,
ତାଙ୍କରି ପରିକା ତ୍ୟାଗୀ ମଣିଷଟେ
ଜଗତରେ ଅଛି କିଏ ?
ଚାଲିଗଲେ ଦିନେ ପ୍ରାଣବଳି ଦେଇ
ବିତରିକି ତାଙ୍କ ପ୍ରେମ
କୋଟି ହୃଦୟର 'ମଣି' ସେ
କର ତାଙ୍କ ପରି କାମ।

**– ସୁଜିତ କୁମାର ମିଶ୍ର**
ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର
ମୋ: ୭୬୮୩୮୬୭୭୪୨

# ରୋଗୀଙ୍କୁ ଅମ୍ଳଜାନ କିପରି ଯୋଗାଇ ଦିଆଯାଏ

ରୂପେଶ କଟକ ମେଡିକାଲ କଲେଜର ଶେଷବର୍ଷର ଛାତ୍ର। ତାଙ୍କ ବାପା ହୃଦ୍‌ରୋଗରେ ପୀଡ଼ିତ ହୋଇ କଟକ ବଡ଼ ମେଡିକାଲରେ ଅପରେଶନ କରାଯାଇଥାଏ । ରୁପାଲି ରୂପେଶର ଭଉଣୀ ଓ ସେ ନବମ ଶ୍ରେଣୀରେ ପାଠ ପଢ଼େ। ରୁପାଲୀ ଭାଇଙ୍କ ସହ ବାପାଙ୍କୁ ଦେଖିବା ପାଇଁ ମେଡିକାଲକୁ ଆସିଥାନ୍ତି। ତାଙ୍କ ବାପାଙ୍କୁ ଆଇସିୟୁରେ ରଖାଯାଇଥାଏ। ବାପାଙ୍କୁ ଶେଯରେ ଦେଖି ରୁପାଲି ପଚାରିଲା– ଭାଇ! ବାପାଙ୍କ ନାକରେ ଯେଉଁ ଉପକରଣଟି ଲାଗିଛି, ତାହା କ'ଣ ? ରୂପେଶ କହିଲେ– ଏହି ଉପକରଣ ସାହାଯ୍ୟରେ ବାପାଙ୍କୁ ଅମ୍ଳଜାନ ଯୋଗାଇ ଦିଆଯାଉଛି। ଏହି ଅମ୍ଳଜାନ ଏକ ସିଲିଣ୍ଡରରେ ତରଳ ଆକାରରେ ଥାଏ, ଯେପରିକି ରନ୍ଧନ ଗ୍ୟାସ ସିଲିଣ୍ଡର ମଧ୍ୟରେ ଥାଏ। ରୁପାଲି ପଚାରିଲା– ଭାଇ! ଏହା କିପରି କାମ କରିଥାଏ ? ମୋତେ କୁହ, ତୁମେ ତ ଡାକ୍ତରି ପାଠ ପଢୁଛ । ରୂପେଶ କହିଲେ– ବାୟୁର ୨୧ଇଞ୍ଚ ଅମ୍ଳଜାନ ଆମ ଜୀବନର ଆଧାର ଅଟେ। ଏହା ବାୟୁ ମଣ୍ଡଳରେ ନାଇଟ୍ରୋଜେନ୍, ଅଙ୍ଗାରକାମ୍ଳ, ଜଳୀୟବାଷ୍ପ ଓ କିଛି ନିଷ୍କ୍ରିୟ ଗ୍ୟାସ ରହିଥାଏ। ବାୟୁରୁ ନାଇଟ୍ରୋଜେନ ଓ ଅମ୍ଳଜାନକୁ ଛାଡ଼ି ଅନ୍ୟ ଉପାଦାନକୁ ନିଷ୍କାସନ କଲାପରେ ବଳକା ବାଷ୍ପକୁ ଅତି ଉଚ୍ଚ ଚାପରେ ଶୀତଳୀକରଣ କରାଯାଏ। –୧୮୨.୯୬୦ ସେ. ତାପମାତ୍ରାରେ ଅମ୍ଳଜାନକୁ ତରଳ ରୂପେ ସଂଗ୍ରହ କରାଯାଏ । ୧୯୨୪ ମସିହାରେ ଗିଲ୍ବର୍ଟ ଏନ୍. ଲୁଇସ୍ ନାମକ ଜଣେ ବୈଜ୍ଞାନିକ ଏହାର ସଂକେତ ଘଣ୍ଟା ବୋଲି କହିଥିଲେ। ଅର୍ଥାତ୍ ତରଳ ଅବସ୍ଥାରେ ଦୁଇଟି ଅମ୍ଳଜାନ ଅଣୁ (ଚାରୋଟି ଅମ୍ଳଜାନ ପରମାଣୁ) ବାନ୍ଧି ହୋଇ ଘଣ୍ଟା ହୋଇଥାଏ । ତରଳ ନାଇଟ୍ରୋଜେନର ସ୍ଫୁଟନାଙ୍କ (ଯେଉଁ ତାପମାତ୍ରାରେ ବାଷ୍ପରେ ପରିଣତ ହୁଏ) ଅମ୍ଳଜାନ ଅପେକ୍ଷା କମ୍ ହୋଇଥିବାରୁ ତରଳ ନାଇଟ୍ରୋଜେନ୍ ପାତ୍ରକୁ ଯଦି ବାୟୁ ସଂସ୍ପର୍ଶରେ ରଖାଯାଏ, ତେବେ ଏହା ବାୟୁରୁ ଅମ୍ଳଜାନକୁ ଶୋଷିଆଣେ। ଯେତେ ଅଧିକ ସମୟ ବାୟୁ ସଂସ୍ପର୍ଶରେ



ରଖାଯିବ, ସେତେ ଅଧିକ ପରିମାଣର ଅମ୍ଳଜାନ ଶୋଷିତ ହେବ ଓ ଦ୍ରବୀଭୂତ ହୋଇ ପାତ୍ରରେ ରହିବ। ଏହି ମିଶ୍ରଣକୁ ପୁଣି ସାଧାରଣ ତାପମାତ୍ରାକୁ ଆଣିଲେ ତରଳ ନାଇଟ୍ରୋଜେନ ବାଷ୍ପୀଭୂତ ହୋଇ ଅମ୍ଳଜାନ ରହିଯାଏ। ୧୮୭୭ରେ ଦୁଇ ଜଣ ବୈଜ୍ଞାନିକ ଫ୍ରାନ୍ସର ଲୁଇସି ପାଉଲ ଓ ସୁଇଜରଲାଣ୍ଡର ରା ଉଲ୍ ପିଟେକ୍ଟୋ ତିଆରି କରିପାରିଥିଲେ। ଏହା ମଧ୍ୟ ଅନ୍ୟ ପ୍ରଣାଳୀରେ ଅର୍ଥାତ୍ କ୍ରାୟୋଜେନିକ ସେପାରେଶନ ପ୍ଲାଣ୍ଟରେ ଆଂଶିକ ପାତନ ପଦ୍ଧତିରେ ସଂଗୃହୀତ କରାଯାଏ। ରୁପାଲି ପଚାରିଲା–ଭାଇ! ଏହି ତରଳ ଅମ୍ଳଜାନ କ'ଣ ରୋଗୀମାନଙ୍କ କ୍ଷେତ୍ରରେ ନା ଅନ୍ୟ କୌଣସି କାମରେ ବ୍ୟବହାର କରାଯାଏ ? ରୂପେଶ କହିଲେ– ଭଲ ପ୍ରଶ୍ନଟିଏ ପଚାରିଲୁ। ଏହା ରକେଟର ଜାଳେଣି ଭାବରେ ମୁଖ୍ୟତଃ ବ୍ୟବହାର କରାଯାଇଥାଏ। କୋଭିଡ୍ ସମୟରେ ତୁ ଶୁଣିଥିବୁ, ଅନେକ ରୋଗୀ ଅମ୍ଳଜାନ ଅଭାବରୁ ମୃତ୍ୟୁବରଣ କରିଥିଲେ। ତାଙ୍କର ରକ୍ତରେ ଅମ୍ଳଜାନର ପରିମାଣ କମିଯାଇଥିଲା। ତେଣୁ କୃତ୍ରିମ ଶ୍ୱାସକ୍ରିୟା ପାଇଁ ତରଳ ଅମ୍ଳଜାନ ନିହାତି ଦରକାର। ଆମ ଦେଶରେ ତରଳ ଅମ୍ଳଜାନର ଅଭାବ ନାହିଁ। ଶିଳ୍ପ ସଂସ୍ଥାରେ ଯେଉଁ ତରଳ ଅମ୍ଳଜାନ ଆବଶ୍ୟକ ପଡୁଛି, ସରକାର ତାକୁ କମାଇ ଦେଇ ଚିକିତ୍ସାଳୟ ଗୁଡିକୁ ଯୋଗାଇ ଦେଉଛନ୍ତି। ତେଣୁ ରେଳ ବିଭାଗ ତରଫରୁ ଅକ୍ସିଜେନ କଣ୍ଟେନେଇନର ପଠାଇବା ପାଇଁ ଗ୍ରୀନ୍ କରିଡର ଗଠିତ କରାଯାଇଛି। ରୁପାଲି ପଚାରିଲା– ଭାଇ ! ବାୟୁମଣ୍ଡଳରୁ ଏହାକୁ କିଭଳି ସଂଗ୍ରହ କରାଯାଏ ମୋତେ ଭଲଭାବରେ କୁହନ୍ତୁ। ରୂପେଶ କହିଲେ– ପ୍ରଥମେ ଏକ ଫିଲ୍‌ଟରଯୁକ୍ତ ପମ୍ପ ସାହାଯ୍ୟରେ ବାୟୁକୁ ଶୋଷି ନେବା ଦ୍ୱାରା ଏଥିରେ ଥିବା ଧୂଳିକଣା ଓ କଠିନ ବସ୍ତୁ ଅଲଗା ହୋଇଯାଏ । ଏହାକୁ –୭୯ ଡିଗ୍ରୀ ସେ. ତାପମାତ୍ରା ପର୍ଯ୍ୟନ୍ତ ଆଣିଲେ ସେଥିରୁ ଅଙ୍ଗାରକାମ୍ଳ କଠିନ ହୋଇ ଅଲଗା ହୋଇଯାଏ । ଶୀତଳୀକରଣ ପ୍ରକ୍ରିୟାକୁ –୨୦୦ ଡିଗ୍ରୀ ସେ. ପର୍ଯ୍ୟନ୍ତ ଆଣିଲେ ସମ୍ପୂର୍ଣ୍ଣ ବାୟୁ ତରଳ ବାୟୁରେ ପରିଣତ ହୁଏ। ଯେତେବେଳେ ତାପମାତ୍ରା –୧୯୬ ଡିଗ୍ରୀ ସେ.କୁ ଅଣାଯାଏ, ନାଇଟ୍ରୋଜେନ ବାଷ୍ପ ହୋଇ ଏକ ନଳୀ ଦେଇ ବାହାରକୁ ଚାଲିଯାଏ। ଏହି ପ୍ରକ୍ରିୟାକୁ –୧୮୩ ଡିଗ୍ରୀ ସେ. ପର୍ଯ୍ୟନ୍ତ ରଖିଲେ ଅମ୍ଳଜାନ ତରଳ ହୋଇ ପାତ୍ରର ନିମ୍ନଭାଗରେ ରହେ। ଏହାକୁ ଆହୁରି ବିଶୋଧନ କରିବା ପାଇଁ ଅନ୍ୟ ଏକ ପାତ୍ରକୁ ନେଇ ତାପ ପ୍ରୟୋଗ କରି ସେଥିରୁ ଆର୍ଗ ଆଦି ନିଷ୍କ୍ରିୟ ଗ୍ୟାସ ଅଲଗା କରାଯାଏ। ଏହାକୁ ନିମ୍ନ ତାପମାତ୍ରାରେ ଏକ ଟ୍ୟାଙ୍କରରେ ରଖାଯାଇଥାଏ, ଯାହା ଏକ ଥର୍ମୋଫ୍ଲାସ୍କ ଭଳି କାମ କରେ। ଅର୍ଥାତ୍ ବାହାରର ତାପମାତ୍ରା ଭିତରକୁ ଯାଏ ନାହିଁ କିମ୍ବା ଭିତରର ତାପମାତ୍ରା ବାହାରକୁ ଆସେ ନାହିଁ। ପୁଣି ରୁପାଲି ପଚାରିଲା– ଭାଇ ! ରୋଗୀଙ୍କୁ ଏହା କେତେ ପରିମାଣ ଦିଆଯାଏ ? ରୂପେଶ କହିଲେ– ଡାକ୍ତରଙ୍କ ପରାମର୍ଶ ପ୍ରକାରେ ଏହା ଦିଆଯାଇଥାଏ। ଯଦି ଏକାଦିକ୍ରମେ ୬–୧୨ ଘଣ୍ଟା ଅମ୍ଳଜାନ ରୋଗୀଙ୍କୁ ଦିଆଯାଏ, ତେବେ ଛାତିରେ ଯନ୍ତ୍ରଣା ଅନୁଭବ ରୋଗୀ କରିଥାଏ। ନୂଆ କରି ଜନ୍ମ ହେଉଥିବା ଛୁଆକୁ ୪୦ଇଞ୍ଚରୁ ଅଧିକ ଗାଢ଼ତା ଥିବା ଅମ୍ଳଜାନ ଦିଆଯାଏ। ତେବେ ସେ ଅନ୍ଧ ହୋଇଯିବାର ସମ୍ଭାବନା ଥାଏ। ତରଳ ଅମ୍ଳଜାନ ସିଲିଣ୍ଡର ପାଖରେ କୌଣସି ଜ୍ୱଳନଶୀଳ ପଦାର୍ଥ ରଖାଯିବା ଉଚିତ ନୁହେଁ କିମ୍ବା ଧୂମପାନ କରୁଥିବା ବ୍ୟକ୍ତି ଏହାକୁ ଗ୍ରହଣ କରିବା ଉଚିତ ନୁହେଁ। ଆଜିକାଲି ଜରୁରୀ ସେବା ପାଇଁ ଲୋକେ ଘରେ ଘରେ ମଧ୍ୟ ତରଳ ଅମ୍ଳଜାନ ସିଲିଣ୍ଡର କିଣି ରଖିଥାନ୍ତି। ମୋବାଇଲରୁ ସମୟ ଦେଖି ରୂପେଶ କହିଲେ, ଚାଲ ଭଉଣୀ ଡେରି ହେଲାଣି, ଘରକୁ ଯିବା ।




–ବିନୋଦ ଚନ୍ଦ୍ର ଜେନା
ଭିକ୍ଟୋରୀ କଲୋନୀ, ପାରଳାଖେମୁଣ୍ଡି, ଗଜପତି
ମୋ: ୭୭୩୫୨୨୨୭୧୩

## ହଳଦିଆ ପୋଷାକ ପିନ୍ଧିଲେ ଜେଲ୍



ଅନେକଙ୍କ ପସନ୍ଦର ରଙ୍ଗ ହେଉଛି ହଳଦିଆ ଡ୍ରେସ। କେତେକ ଏଭଳି ପୋଷାକରେ ସୁନ୍ଦର ଦେଖାଯାଆନ୍ତି। କିନ୍ତୁ ଏଭଳି ଏକ ସ୍ଥାନ ଅଛି, ଯେଉଁଠି ହଳଦିଆ ରଙ୍ଗକୁ ନେଇ ବେଶ୍ ଚର୍ଚ୍ଚା ଲାଗି ରହିଥାଏ। ଏଠାରେ ଏକଦା ଏହି ରଙ୍ଗକୁ ନେଇ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା, ଯେଉଁଥିପାଇଁ ସରକାର ବିପଦରେ ପଡିଥିଲେ। ଏପରିକି ସ୍ଥାନୀୟ ଜନସାଧାରଣ ସରକାରଙ୍କୁ ଇସ୍ତଫା ଦେବାକୁ ଦାବି କରିଥିଲେ। ସେବେଠାରୁ ଏଠାରେ ହଳିଦିଆ ରଙ୍ଗ ଉପରେ ନିଷେଧାଦେଶ ଲଗାଯାଇଛି। ସେଥିପାଇଁ କେହି ଏହି ରଙ୍ଗର ପୋଷାକ ପିନ୍ଧି ପାରିବେ ନାହିଁ। ଯଦି ଏହି ରଙ୍ଗର ଡ୍ରେସ କାହାକୁ ପିନ୍ଧିବାର ଦେଖାଯାଏ, ତେବେ ତାଙ୍କୁ ଜେଲ୍ ହେବାର ଆଶଙ୍କା ରହିଛି। ହଁ, ଏହି ସ୍ଥାନଟି ହେଉଛି ମାଲେସିଆର କୁଆଲାଲୁମ୍ପର। ୨୦୧୬ରେ ଉକ୍ତ ସହରରେ ରହୁଥିବା ଲୋକମାନେ ହଳଦିଆ ପୋଷାକ ପିନ୍ଧିପାରିବେ ନାହିଁ ବୋଲି ସେଠାକାର ସରକାର ଘୋଷଣା କରିଥିଲେ। ଏହା ପଛରେ ଏକ କାରଣ ରହିଛି। ସେହି ବର୍ଷ କେତେକ ବିକ୍ଷୋଭକାରୀ ହଳଦିଆ ଟି' ଶାର୍ଟ ପିନ୍ଧି ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ। ସେବେଠୁ ଏ ପର୍ଯ୍ୟନ୍ତ ଏହି ସହରରେ ହଳଦିଆ ପୋଷାକ ପିନ୍ଧିବାକୁ ବାରଣ କରାଯାଇଛି।

## ପଶ୍ଚିମବଙ୍ଗ ନାମକରଣ ଅନ୍ତରାଳେ...

ପଶ୍ଚିମବଙ୍ଗ ଆମ ଦେଶରେ ଅନ୍ୟତମ ରାଜ୍ୟ, ଯାହା ପୂର୍ବ ଭାଗରେ ଅବସ୍ଥିତ। ଏହାର ଇତିହାସ ପ୍ରାୟ ୪୦୦୦ ବର୍ଷର ପୁରୁଣା। ଯେତେବେଳେ ଇଂରେଜମାନେ ଭାରତକୁ ବ୍ୟବସାୟ ଉଦ୍ଦେଶ୍ୟରେ ଆସିଲେ ଏବଂ ପରେ ଦେଶକୁ ଶାସନ କଲେ, ସେତେବେଳେ ଏହି ରାଜ୍ୟକୁ ଅନେକ ଭାଗରେ ବିଭକ୍ତ କରିଦେଇଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ସେଠାକାର ଲୋକମାନେ ଏକାଠି ହୋଇ ନିଜ ରାଜ୍ୟକୁ ଗୋଟିଏ ପରିସୀମା ମଧ୍ୟରେ ରଖିବାକୁ ଚେଷ୍ଟା କଲେ। କିନ୍ତୁ ୧୯୪୭ରେ ଭାରତ ସ୍ୱାଧୀନ ହେବା ପରେ ବଙ୍ଗଳା ଦୁଇ ଭାଗରେ ବିଭକ୍ତ ହୋଇଗଲା। ଗୋଟିଏ ହେଲା ପୂର୍ବ ବଙ୍ଗ, ଯାହା ଏବେ ବାଂଲାଦେଶ ନାମରେ ପରିଚିତ। ଅନ୍ୟଟି ହେଲା ପଶ୍ଚିମବଙ୍ଗ।



# ଆ ଇ ନା

**ଆଲିଶା ସାହୁ**

୭ ବର୍ଷ/ଭୁବନେଶ୍ୱର





**ଗୀତାକ୍ଷୀଂ ସାହୁ**

୮ ବର୍ଷ/କଟକ